# ଅଦିନ ବରଷା

ବର୍ଷକରେ ଛଅ ଗୋଟି ଋତୁ । ଏହି ଛଅଟି ଋତୁରେ ବିଭିନ୍ନ ଫୁଲ ଫୁଟେ ଓ ଫଳ ଫଳେ । ଛଅଟି ଋତୁରେ ନିର୍ଦ୍ଦିଷ୍ଟ ଯେଉଁଟା ହେବା କଥା ତାହା ନ ହୋଇ ଯଦି କଥା ଅନ୍ୟଟା ହୁଏ, ତେବେ ତାହାକୁ ଅଦିନିଆ  କହିବ । ସେମିତି ଯଦି ବର୍ଷା ଦିନେ ବର୍ଷା ନ ହୋଇ ଶୀତ ଋତୁରେ ବର୍ଷା ହୁଏ କିମ୍ବା ଅନ୍ୟ ଋତୁରେ ବର୍ଷା ହୁଏ, ତେବେ ତାହାକୁ ଅଦିନ ବର୍ଷା କୁହାଯାଏ ।

ଅଦିନରେ ବର୍ଷା ହେବାଦ୍ୱାରା ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଅଧିକ ଫସଲ କ୍ଷୟ ହୁଏ । ଏପରିକି ଗତବର୍ଷ ଅଦିନରେ ବର୍ଷା ହେବା ଦ୍ୱାରା ସବୁ ଫସଲର କ୍ଷୟ ଘଟିଲା । ପାଣିରେ ସବୁ ଧାନ ଭାସି ପଲେଇ ଗଲା । ଏହାର କାରଣ ହେଉଛି ବଣ ଜଙ୍ଗଲ କଟା ହେବା ଓ ଅଧିକ ପରିମାଣରେ କଳକାରଖାନା ବଢ଼ିବା, ଯାହା ଫଳରେ ଅଧିକ ପରିମାଣରେ ଅଙ୍ଗାରକାମ୍ଳ ବଢ଼େ । ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଦୂଷିତ କରିଦିଏ । ବାୟୁମଣ୍ଡଳରେ ଏକ ଘୂର୍ଣ୍ଣି ଝଡ଼ ସୃଷ୍ଟି ହୁଏ । ତାହା ପୁଣି ଜଳ ହୋଇ ଅଦିନରେ ବର୍ଷା ହୋଇପଡ଼େ ।

ଅଦିନରେ ବର୍ଷା ନ ହେବା ପାଇଁ ଆମ୍ଭେମାନେ ସତର୍କ ହେବା ଦରକାର । ଆମ୍ଭେମାନେ ସମସ୍ତେ ଏକ ଏକ ହୋଇ ଗଛ ଲଗାଇବା ଦରକାର । ବନ ସୁରକ୍ଷା କରିବା ଦରକାର । ବନ ସୁରକ୍ଷା ହେବା ଦ୍ୱାରା ଲଘୁଚାପ ହୋଇନଥାଏ । ଜନସଂଖ୍ୟା ଅଧିକ ପରିମାଣରେ ବଢ଼ିବାଦ୍ୱାରା ମଧ ବାୟୁମଣ୍ଡଳ ଦୂଷିତ ହୋଇଥାଏ । କାରଣ ଜନସଂଖ୍ୟା ବଢ଼ିବା ଦ୍ୱାରା ମନୁଷ୍ୟକୁ ରହିବା ପାଇଁ ଗୃହ ଆବଶ୍ୟକ ହୋଇଥାଏ । ଯାହା ଫଳରେ କି ସେ ଘଞ୍ଚ ଜଙ୍ଗଲ କାଟିବାପାଇଁ ବାଧ ହୁଏ । ମନୁଷ୍ୟ ଘଞ୍ଚ ଜଙ୍ଗଲ କାଟିଲେ ମଧ ସେ ଯଦି କୃତ୍ରିମ ଜଙ୍ଗଲ ସୃଷ୍ଟି କରେ ତା'ହେଲେ ମଧ  ବାୟୁମଣ୍ଡଳ ଦୂଷିତ ହୋଇ ନଥାନ୍ତା । ଏହିପରି ନବୀକରଣ ଦ୍ୱାରା କୃତ୍ରିମ ଅରଣ୍ୟ ସୃଷ୍ଟି କରି ଓ ସାମାଜିକ ବନୀକରଣ କରି, ଆମେ ବାୟୁମଣ୍ଡଳକୁ ଦୂଷିତ ହେବାରୁ ରକ୍ଷା କରିପାରିବା ।

ତେଣୁ ଅଦିନରେ ବର୍ଷା ନ ହେବା ପାଇଁ ମନୁଷ୍ୟ ନିଜେ ସଚେତନ ହେବା ଦରକାର । ନିଜେ ସଚେତନା ହୋଇଗଲେ ଆଉ ଅଦିନ ବର୍ଷା ହେବ ନାହିଁ । ଯେମିତି ଋତୁଚକ୍ର ଚାଲେ ସେହିପରି ଚାଲିବ । ତେଣୁ ଆଜିଠୁ ଶପଥ ନେବା ଦରକାର ଯେ ଆମ୍ଭେମାନେ ନୂତନ ଜଙ୍ଗଲ ଓ ସବୁଜିମା ସୃଷ୍ଟି କରିବା । ❑❑❑

**ସୁଶାନ୍ତ ମଲ୍ଲିକ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ହୁମ୍ମା, ଗଞ୍ଜାମ



# ଅଦିନ ବରଷା

ରାମଚନ୍ଦ୍ରପୁର ନାମକ ଗ୍ରାମଟିଏ ଥାଏ । ସେ ଗ୍ରାମର ଲୋକମାନେ ବହୁତ ପରିଶ୍ରମୀ । ସେହି ଗ୍ରାମ ସବୁ ସମୟରେ ସବୁଜ ବର୍ଣ୍ଣର ଗଛଲତାରେ ପରିପୂର୍ଣ୍ଣ ରହିଥାଏ । ସବୁ ଋତୁରେ କ୍ଷେତମାନଙ୍କରେ ବିଭିନ୍ନ ପ୍ରକାର ଶସ୍ୟ ଥିବାର ଦେଖାଯାଏ । କାରଣ ସେଠାକାର ପରିବେଶ ଏହି ସବୁ ପାଇଁ ଅନୁକୂଳ ହୋଇ ରହିଥିଲା । ସେହି ଗ୍ରାମର ଲୋକମାନେ ବିଭିନ୍ନ ପ୍ରକାର ଶସ୍ୟ ଉତ୍ପାଦନ କରି ସୁଖୀ ରହିଥାନ୍ତି । ସେହି ଗ୍ରାମରେ ଅନେକ ନଦୀ ଓ ପୋଖରୀ ଥାଏ । ଗ୍ରାମବାସୀମାନେ ନଦୀ ଓ ପୋଖରୀମାନଙ୍କରୁ ମାଛ ଧରି ଜୀବିକା ନିର୍ବାହ କରୁଥିଲେ । କିନ୍ତୁ ସେହି ଗ୍ରାମରେ ଏମିତି ଏକ ସମସ୍ୟା ଆସି ପହଞ୍ଚି ଥିଲା ଯେ, ସବୁ ନଈ ନାଳ ଓ ପୋଖରୀରୁ ପାଣି ଶୁଖିଗଲା । ପାଣି ନପାଇ ଅନେକ ଲୋକ ମୃତ୍ୟୁ ମୁଖରେ ପଡ଼ିଥିଲେ । ଜମି ଗୁଡ଼ିକରେ କୌଣସି ଫସଲ ହେଲା ନାହିଁ । ବଣର ସବୁ ପଶୁପକ୍ଷୀ ପାଣି ନ ପାଇ ମୃତ୍ୟୁବରଣ କଲେ ଆଉ ଅନ୍ୟ କେତେକ ଜୀବିତ ପଶୁପକ୍ଷୀ ସେହି ସ୍ଥାନ ଛାଡ଼ି ପଳାଇଗଲେ । ବୃକ୍ଷଲତା ସବୁ ପତ୍ରବିହୀନ ହୋଇ ଥୁଣ୍ଟା ହୋଇ ପଡ଼ି ରହିଲେ । କିଛି ଉପାୟ ନପାଇ ସେହି ଗ୍ରାମର ଲୋକମାନେ ଇନ୍ଦ୍ର ଦେବତାଙ୍କୁ ସ୍ମରଣ କଲେ । ଇନ୍ଦ୍ର ଦେବ ଏଥିରେ ସନ୍ତୁଷ୍ଟ ହୋଇ ବର୍ଷା କରାଇଲେ । ତାହା ପରେ ଲୋକମାନେ ଆନନ୍ଦରେ କ୍ଷେତମାନଙ୍କରେ କାମରେ ଲାଗି ପଡ଼ିଲେ । ଏମିତି ପୁଣି କେତେ ବର୍ଷ ବିତିଗଲା । ଆଉ ଏମିତି ଏକ ସମସ୍ୟା ଆସି ପହଞ୍ଚିଲା ଯେ ସେହି ଗ୍ରାମରେ ପ୍ରବଳ ବର୍ଷା ହେଲା । ଯାହା ଫଳରେ ଗ୍ରାମର ସବୁ ସ୍ଥାନରେ ବର୍ଷା ପାଣିରେ ପରିପୂର୍ଣ୍ଣ ହେଲା । ଜମିମାନଙ୍କରେ ପାଣି ଜମି ରହି ଫସଲଗୁଡ଼ିକ ନଷ୍ଟ ହୋଇଗଲା । ଅତ୍ୟଧିକ ବର୍ଷା ହେବା ଫଳରେ ବନ୍ୟା ହେଲା । ଯାହା ଫଳରେ ସବୁ ଫସଲ ବନ୍ୟା ଦ୍ୱାରା ନଷ୍ଟ ହୋଇଗଲା । ଘରଦ୍ୱାର ଭାଙ୍ଗି ଯାଇ ଘରେ ଥିବା ସବୁ ଜିନିଷ ପତ୍ର ବନ୍ୟା ଜଳରେ ଭାସିଗଲା ।

ଯାହା ଫଳରେ ରାମଚନ୍ଦ୍ରପୁର ଗ୍ରାମର ଲୋକମାନେ ଦାରିଦ୍ର୍ୟ ଆଡ଼କୁ ଗତି କରିବାକୁ ଲାଗିଲେ । ଏହି ଅଦିନ ବର୍ଷା ଫଳରେ ସେହି ଗ୍ରାମର ଲୋକମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଦରିଦ୍ର ଅବସ୍ଥାରେ ଅଛନ୍ତି । ❑❑❑

**ଗିରିଧର ଭୂୟାଁ**
ଦୋଘରିଆ ଉଚ୍ଚ ବିଦ୍ୟାଳୟ, ଗଜପତି



# ଅଦିନ ବରଷା

ଆମର ଏହି ଧରାପୃଷ୍ଠରେ ଛଅଟି ଋତୁ । ସେଥି ମଧ୍ୟରୁ ଗୋଟିଏ ବର୍ଷାଋତୁ । ବର୍ଷଋତୁ ସମୟରେ ହେଉଥିବା ବର୍ଷାକୁ ଋତୁକାଳୀନ ବର୍ଷା କୁହାଯାଏ । ବର୍ଷାଋତୁ ଶେଷ ପରେ ମଧ ଗ୍ରୀଷ୍ମ ଋତୁରେ ହେଉଥିବା ବର୍ଷାକୁ ଅଦିନ ବର୍ଷା କୁହାଯାଏ ।

ଏହି ଅଦିନ ବର୍ଷାଟି ହଠାତ୍ ହେବାର କାରଣ ବାୟୁମଣ୍ଡଳର ପାଣିପାଗ ଉପରେ ନିର୍ଭରଶୀଳ । ଏହି ଅଗ୍ଳନକ ବର୍ଷା ଯୋଗୁଁ ଚାଷୀ ଭାଇ ଚାଷ କରିଥିବା ଫସଲର ବହୁ ପରିମାଣରେ ହାନି ଘଟେ । ଅଦିନ ବରଷା ଭୟଙ୍କର ରୂପ ଧାରଣ କଲେ ସମତଳ ଅଞ୍ଚଳମାନଙ୍କରେ ବନ୍ୟା ହୋଇଥାଏ । ବନ୍ୟା ହେବା ଫଳରେ ମାନବ ସମାଜର ବହୁତ କ୍ଷତି ଘଟିଥାଏ । ଅଦିନ ବର୍ଷା ହେବା ଫଳରେ ଇତରପ୍ରାଣୀମାନେ ମୃତ୍ୟୁ ମୁଖରେ ପଡ଼ନ୍ତି । ଏହି ବର୍ଷାରେ କିନ୍ତୁ ପାହାଡ଼ର ଦୃଶ୍ୟ ଦେଖିବାକୁ ମତେ ବହୁତ ଭଲଲାଗେ । ପାହାଡ଼ର ଗଛଲତା ଗ୍ରୀଷ୍ମ ଦିନରେ ପାଣି ପାଇନଥାନ୍ତି । ଅଦିନ ବର୍ଷା ହେବା ଫଳରେ ସେମାନେ ପାଣି ପାଆନ୍ତି ଏବଂ ବହୁତ ସୁନ୍ଦର ଦେଖାଯାଆନ୍ତି । ଏହି ବର୍ଷାର ସମ୍ମୁଖୀନ ହୋଇ ମୁଁ ମଧ ତାହା ଅନୁଭବ କରିଥିଲି । ଗୋଟିଏ ଦିନ ଜଙ୍ଗଲକୁ ଯାଇଥିବା ସମୟରେ ହଠାତ୍ ଏହିପରି ବର୍ଷା ହୋଇଯାଇଥିଲା । ବର୍ଷାରେ ମୁଁ ଅନୁଭବ କରିଥିଲି ଅଦିନ ବର୍ଷାର ଉପକାର ଓ ଅପକାର କ'ଣ । ଏହି ବର୍ଷା ହେବା ଫଳରେ ଜଙ୍ଗଲର ପଶୁପକ୍ଷୀ ପାନୀୟ ଜଳ ପାଇଥାଆନ୍ତି ଓ ଖାଦ୍ୟ ସଂଗ୍ରହ କରିବାର ସୁଯୋଗ ପାଇଥାନ୍ତି । ଆମ୍ଭେ ଯଦି ବର୍ଷା ଋତୁ ଓ ଏହି ଅଦିନ ବର୍ଷାକୁ ଭଲ ପାଉ ତେବେ ବୃକ୍ଷ ଛେଦନ ବନ୍ଦ କରିବା ଉଚିତ୍ । ବୃକ୍ଷ ଆମର ପରମବନ୍ଧୁ ।

"ବୃକ୍ଷ ଛେଦନ ମହାପାପ" । ❒❒❒

**ବାସୁଦାସ୍ ପ୍ରଧାନ**
ସରକାରୀ ଉଚ୍ଚ ବିଦ୍ୟାଳୟ, ମଣ୍ଡାକିଆ କନ୍ଧମାଳ



# ଅଦିନ ବରଷା

ସୁଲୁ ସୁଲୁ ହୋଇ ପୂରୁବ ଦିଗରୁ ସମୀର ଆସୁଛି ବହି,
ସେଇ ସମୀରର ମଧୁର ସ୍ୱର୍ଶରେ ପ୍ରଫୁଲ୍ଲିତ ଧରାମହୀ ।
ଗ୍ରୀଷମ ଋତୁରେ ଆସିବ ବୋଲି କି ଆମେ କରିଥିଲୁ ଆଶା
କିନ୍ତୁ ତମେ ଏତେ ବିଳମ୍ବ କରିକି ଆସିଲ ଅଦିନ ବର୍ଷା,
ଇନ୍ଦ୍ରଧନୁର ସାତରଙ୍ଗ ବୁଣି ଦେଇ ନୀଳ ଆକାଶରେ
ଝରି ଝରି ଯାଅ ଅଦିନ ବର୍ଷା ଆମ ଏଇ ପୃଥିବୀରେ
ସେଇ ଖୁସିଟାକୁ ସାରିଦେଇ ତମେ ଭାଙ୍ଗିଦେଲ ସବୁ ଆଶା
କିନ୍ତୁ ତମେ ଏତେ ବିଳମ୍ବ କରିକି ଆସିଲ ଅଦିନ ବର୍ଷା । ❑❑❑

**ସଜନା ଭୁଏ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର ବରଗଡ଼



# ଅଦିନ ବରଷା

ଆମ ପୃଥିବୀରେ ତିନି ଭାଗ ଜଳ ଅଛି ଏବଂ ଏକ ଭାଗ ସ୍ଥଳ ଅଛି । ଏହି ଏକ ଭାଗ ସ୍ଥଳରେ ହିଁ ମନୁଷ୍ୟ ବସବାସ କରେ । ତା' ଛଡ଼ା ଏହି ଏକ ଭାଗ ସ୍ଥଳରେ କୃଷି କାର୍ଯ୍ୟ ପାଇଁ ଜମି, ଗମନା ଗମନ କରିବା ପାଇଁ ରାସ୍ତା ଏବଂ ପାହାଡ, ପର୍ବତ ମଧ ଅଛି । ଦିନ ଥିଲା ଶସ୍ୟ ଶ୍ୟାମଳା ଧରଣୀରେ ବଣ ଜଙ୍ଗଲ, ଗଛଲତା ଆଦି ସବୁଜିମାରେ ଭରି ଯାଇଥିଲା । କିନ୍ତୁ ବର୍ତ୍ତମାନ ଆମ ପୃଥିବୀ ଧ୍ୱଂସ ହେବା ଆଡ଼କୁ ଗତି କରୁଛି । କାରଣ ବର୍ତ୍ତମାନ ପୃଥିବୀରେ ଅଙ୍ଗରାକାମ୍ଳର ପରିମାଣ ଆସ୍ତେ ଆସ୍ତେ ବଢ଼ିବାରେ ଲାଗିଛି ଏବଂ ଗଛଲତା, ବଣପାହାଡ଼ ମଧ କମି ଆସିଲାଣି । ଏସବୁ ସମସ୍ୟାର ମୁଖ୍ୟ କାରଣ ହେଲା ଜନସଂଖ୍ୟା ବୃଦ୍ଧି । ଜନସଂଖ୍ୟା ବୃଦ୍ଧିରେ ଆମ ଦେଶ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି । ଜନସଂଖ୍ୟାରେ ପ୍ରଥମ ସ୍ଥାନ ଅଧିକାର କରିଛି ଚୀନ୍ । ଜନସଂଖ୍ୟା ଆମ ଦେଶରେ ଅତ୍ୟଧିକ ବୃଦ୍ଧି ହେଉଥିବାରୁ ସେମାନଙ୍କର ରହିବା ପାଇଁ ଜାଗା ଆବଶ୍ୟକ । ତେଣୁ ଲୋକମାନେ ବଣ, ଜଙ୍ଗଲ କାଟି ଘର ତିଆରି କରି ରହୁଛନ୍ତି । ଯେମିତି ପରିମାଣରେ ଲୋକ ସଂଖ୍ୟା ବଢ଼ିବାରେ ଲାଗିଛି ସେମାନଙ୍କର ଚଳିବା ପାଇଁ ପୋଷାକ, ଖାଦ୍ୟ ଆଦି ନିତ୍ୟ ବ୍ୟବହାର କରୁଥିବା ଜିନିଷ ପୂରଣ କରିବା ପାଇଁ ଆମ ଦେଶର ଇଞ୍ଜିନିୟରମାନେ ଏବଂ ଅଫିସର୍‌ମାନେ ଚାଷ ଜମି ଏବଂ ବଣ ଜଙ୍ଗଲରେ ଥିବା ଗଛ ଲତାଗୁଡ଼ିକୁ କାଟି ସଫା କରି କଳକାରଖାନା ବସାଉଛନ୍ତି । ଫଳରେ ବର୍ତ୍ତମାନ ଆମ ଦେଶରେ ଅନିୟମିତ ବର୍ଷା ହେଉଛି । ଋତୁ ଅନୁସାରେ ବର୍ଷା ହେଉନାହିଁ । ଶୀତଦିନରେ ମଧ ବେଳେ ବେଳେ ବର୍ଷା ହେଉଛି । ଯଦି ସବୁ ବର୍ଷ ଏହିପରି ଚାଲିବ ତେବେ ଆମ ପୃଥିବୀ ଧ୍ୱଂସ ପାଇଯିବ । ପୃଥିବୀ ପୃଷ୍ଠରେ ଗଛଲତା ଯଦି ନ ରହିବ ତେବେ ଅଙ୍ଗାରକାମ୍ଳର ପରିମାଣ ଦିନକୁଦିନ ବଢ଼ିବାରେ ଲାଗିବ । କାରଣ ଗଛ ଖାଦ୍ୟ ପ୍ରସ୍ତୁତ କଲାବେଳେ ଅଙ୍ଗାରକାମ୍ଳ ଗ୍ୟାସ୍‌କୁ ଗ୍ରହଣ କରି ଅମ୍ଳଜାନ ଗ୍ୟାସ୍ ଛାଡୁଛି, ଯାହାକୁ ମନୁଷ୍ୟ ଏବଂ ଅନ୍ୟ ପ୍ରାଣୀ ଯଥା - ପଶୁ ପକ୍ଷୀମାନେ ପ୍ରଶ୍ୱାସରେ ଗ୍ରହଣ କରି ବଞ୍ଚି ରହୁଛନ୍ତି । ଯଦି ଏହିପରି ଗଛ ସଂଖ୍ୟା ଲୋପ ପାଇଯିବ, ତେବେ ଅଙ୍ଗାରକାମ୍ଳ ଗ୍ୟାସ୍ ବଢ଼ିଯିବ ଯାହା ଫଳରେ କି ଆମ ପୃଥିବୀର ଦୁଇ ମେରୁରେ ଥିବା ଗ୍ଲାସିଏର୍ ଗୁଡ଼ିକ ତରଳିଯିବା ଫଳରେ ପୃଥିବୀରେ ଥିବା ଦେଶଗୁଡ଼ିକ ସେହି ତରଳି ଯାଉଥିବା ଜଳରେ ଭାସିଯିବ । ଆଉ ଗୋଟିଏ କଥା ଆମମାନଙ୍କୁ ମନେରଖିବା ଉଚିତ୍ ହେବ ଯେ ଗଛ ଯଦି ନ ରହିବ ତେବେ ବର୍ଷା ହେବ ନାହିଁ କିମ୍ବା ଯଦି ବର୍ଷା ହେବ ନାହିଁ ତେବେ ଅନିୟମିତ ବର୍ଷା ହେବ । ଋତୁ ଅନୁସାରେ ବର୍ଷା ହେବ ନାହିଁ । ବହୁତ ଗରମ ହେବ ଏବଂ ବହୁତ ଖରା ହେବ । ତେଣୁ ଆମେ ସମସ୍ତେ ଶପଥ କରିବା କି ଆମ ଏହି ଶସ୍ୟ ଶ୍ୟାମଳା ଧରଣୀକୁ ପୁଣି ଥରେ ଗଛ ଲଗାଇ ସବୁଜିମାରେ ଭରିଦେବା ଏବଂ ପୃଥିବୀକୁ

ଧ୍ୱଂସମୁଖରୁ ରୋକିବା । ଏଥିପାଇଁ ଆମକୁ ଗୋଟିଏ ବଡ଼ କଥା ମନେ ରଖିବାକୁ ହେବ ଯେ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ କରିବା । ଯେଉଁ ଗାଁ ଗହଳିରେ ନିରକ୍ଷର ଲୋକମାନେ ଅଛନ୍ତି, ସେମାନଙ୍କୁ ସେ ବିଷୟରେ ବୁଝାଇ କହିବା ଏବଂ ଗଛ ଲଗାଇବା ।

କଥାରେ ଅଛି - "ପରିବେଶ ସୁରକ୍ଷା ହିଁ ଜୀବନ ରକ୍ଷା

ବହୁବୃକ୍ଷ ରୋପଣ ମାନବଦୀକ୍ଷା"

ଏହି ସବୁ କଥା ମାନି କାର୍ଯ୍ୟ କରି ଦେଖାଇବା । ତେବେ ଏହି ଅଦିନ ବର୍ଷା ଆଉ ହେବ ନାହିଁ, ଋତୁ ଅନୁଯାୟୀ ବର୍ଷା ହେବ । ❐❐❐

**କଣ୍ଡେଇ ସିଂ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବହୁବନ୍ଧ



# ଅଦିନ ବରଷା

ସାଧାରଣତଃ ବର୍ଷା, ବର୍ଷାଋତୁରେ ହୋଇଥାଏ, କିନ୍ତୁ ବେଳେ ବେଳେ ଅନ୍ୟ ଋତୁମାନଙ୍କରେ ମଧ ବର୍ଷା ହୋଇଥାଏ, ତାହାକୁ ଅଦିନ ବର୍ଷା କୁହାଯାଏ । ଏହି ଅଦିନ ବର୍ଷା ହେବା ସମୟରେ ଦିନେ ମୁଁ ନଈ କୂଳରେ ବସିଥିଲି ଓ ଅନୁଭବ କରୁଥିଲି ପ୍ରକୃତିର ପରିବର୍ତ୍ତନ ଧାରାକୁ । ନଈରେ ପାଣି ସୁସୁ କରି ବୋହି ଯାଉଥିଲା । ଆକାଶରେ ଘଡ଼ଘଡ଼ି ଓ ବିଜୁଳି ସାଙ୍ଗକୁ ବର୍ଷା ଝରି ପଡ଼ି ମୋର ଆତ୍ମାକୁ ଶାନ୍ତ କରିଦେଇଥିଲା । ସମସ୍ତେ ଝଡବର୍ଷା ସମୟରେ ସୃଷ୍ଟି ହୋଇଥିବା ବିଜୁଳି ଓ ଘଡ଼ଘଡ଼ିର ଆତଙ୍କରେ ଭୟଭୀତ ହୋଇ ନିଜର ଆଶ୍ରୟ ନେଉଥିଲେ କିନ୍ତୁ ମୁଁ ନିର୍ଭିକ ଭାବେ ନଈ କୂଳରେ ବସିଥାଏ । ହଠାତ୍ ଦେଖିଲି ଗୋଟିଏ କୋମଳମତି ଛାତ୍ର ସେହି ନଦୀ ପାଣିରେ ଭାସି ଯାଉଥାଏ ଏବଂ ତା'ର ଜନନୀ ତାକୁ ରକ୍ଷା କରିବା ପାଇଁ ଆକୁଳ ହୋଇ ମୋର ସାହାଯ୍ୟ ଲୋଡ଼ୁଛନ୍ତି । ଝଡ଼ରେ ମଧ ମୋର ଦେହ ଥରୁଥାଏ, ତଥାପି ମୁଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କଲି । ସାହାଯ୍ୟ କରିବା ପାଇଁ ଚିତ୍କାର କଲି ମାତ୍ର ଉତ୍ତରର ଗୋଟିଏ ବି ସ୍ୱର ଶୁଣାଗଲା ନାହିଁ । ଶେଷରେ ନଈ ଭିତରକୁ ଡେଇଁ ପଡିଲି ଏବଂ ସେହି କୋମଳମତି ଶିଶୁଟିକୁ ଉଦ୍ଧାର କଲି ।

ଅଦିନ ବର୍ଷା ଆକାଶ ପାତାଳ ସମସ୍ତଙ୍କୁ ଆନନ୍ଦରେ ମୋହିତ କରିଥାଏ । ଅଦିନ ବର୍ଷାରେ କେବଳ ଜଣେ ନୁହେଁ ସମସ୍ତେ ଆନନ୍ଦିତ ହୋଇଥାନ୍ତି । ବୃକ୍ଷଲତା ସବୁ ଅଦିନ ବର୍ଷାରେ ମୋହିତ ହୋଇଥାନ୍ତି । ଅତି ଗ୍ରୀଷ୍ମରେ ପ୍ରକୃତି ବେଳେବେଳେ ଆର୍ଶୀବାଦ ସ୍ୱରୂପ ଏହି ବର୍ଷାଟିକୁ ପ୍ରାଣରକ୍ଷା ସ୍ୱରୂପ ବର୍ଷିଦିଅନ୍ତି ଓ ଏହି ଅଦିନ ବର୍ଷା ସମସ୍ତଙ୍କ ମନରେ ଆଶା ସଞ୍ଚାର କରିଥାଏ । ତେଣୁ ଅଦିନ ବର୍ଷାର ଉପକାର ଦିଗଟିକୁ ମଧ୍ୟ ଆମେମାନେ ଅନୁଭବ କରିବା ଦରକାର ।□□□

**କୁମାରୀ ଟିକିଲି ସିଂ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟିଣ୍ଡା



# ଅଦିନ ବରଷା

ବର୍ଷା ସମସ୍ତଙ୍କ ମନରେ ଆନନ୍ଦ ଦେଇଥାଏ । ବର୍ଷା ଆସିଲେ କୃଷକର ମନ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଥାଏ । ବର୍ଷା ହେବା ଫଳରେ ଜଙ୍ଗଲରେ ବାସ କରୁଥିବା ପ୍ରାଣୀମାନେ ମଧ ବହୁତ ଆନନ୍ଦିତ ହୋଇଥାନ୍ତି । ଅତ୍ୟଧିକ ବର୍ଷା ହେଲେ ନଈବଢ଼ି ହୁଏ, ଅନେକ କ୍ଷୟକ୍ଷତି ଘଟିଥାଏ । ଅନେକ ପ୍ରାଣୀଙ୍କର ଜୀବନ ମଧ ଚ୍ଛଲିଯାଇଥାଏ । ଅଦିନ ବର୍ଷା କିନ୍ତୁ ସେପରି ନୁହେଁ । କ୍ଷୟକ୍ଷତି ହୁଏ କିନ୍ତୁ ସେହି ପରିମାଣର ହୁଏନାହିଁ ।

ଅନେକ ଦିନ ତଳର କଥା । ଗୋଟିଏ ଜଙ୍ଗଲରେ ଅନେକ ପ୍ରକାରର ପଶୁପକ୍ଷୀ ବାସ କରୁଥିଲେ । ସେମାନଙ୍କ ମଧ୍ୟରେ ସିଂହ ରାଜା ଥିଲୋ । ସେହି ଜଙ୍ଗଲରେ ସମସ୍ତ ପ୍ରାଣୀ ବହୁତ ଖୁସୀରେ ରହୁଥିଲେ । ଏପରିକି ସେମାନେ ଭାବୁଥିଲେ ଯେ ଆମ୍ଭେ ସ୍ୱର୍ଗରେ ବାସ କରୁଥିବା ଦେବତାମାନଙ୍କଠାରୁ ମଧ ବହୁତ ଖୁସୀରେ ବସବାସ କରୁଛୁ ।

ସେମାନେ ବର୍ଷା ମାସର ଜଳକୁ ସାଇତି ରଖିନଥିଲେ । କୌଣସି ପୋଖରୀ କି କୂଅ ମଧ ଖୋଳି ନଥିଲେ । ବର୍ଷା ମାସ ଚ୍ଛଲି ଯିବାପରେ ଖରା ମାସର ଆଗମନ ହେଲା । ଜଙ୍ଗଲର ସମସ୍ତ ପ୍ରାଣୀ ବହୁତ ଚିନ୍ତିତ ହେଲେ କାରଣ ସେମାନେ କୌଣସି ଜାଗାରେ ମଧ ପାଣି ଦେଖିବାକୁ ପାଇଲେ ନାହିଁ । ସେମାନେ ସମସ୍ତେ ସିଂହ ମହାରାଜାଙ୍କ ନିକଟକୁ ଆସିଲେ ଏବଂ ସମସ୍ତ କଥା କହିଲେ । ସିଂହ ମହାରାଜାଙ୍କର ମଧ ଚିନ୍ତା ବଢ଼ିଗଲା ସେଥିପାଇଁ ସେ ଗୋଟିଏ ସଭା ଡାକିଲେ ଏବଂ ସମସ୍ତଙ୍କୁ କହିଲେ ଆମେ ସଭିଏଁ ମିଶି ଗୋଟିଏ ପୋଖରୀ ଖୋଳିବା । ସମସ୍ତେ ମହାରାଜାଙ୍କ କଥାରେ ରାଜି ହେଲେ ଏବଂ ତା' ଆର ଦିନ ସେମାନେ ପୋଖରୀ ଖୋଳିବା ପାଇଁ ବାହାରିଲେ । ବହୁତ ପରିଶ୍ରମ କଲେ କିନ୍ତୁ ମାଟି ଏତେ ଟାଣ ଥିଲା ଯେ ସେମାନେ ପୋଖରୀ ଖୋଳି ପାରିଲେ ନାହିଁ ।

ତା'ପରେ ସେମାନେ ସମସ୍ତେ ମିଶି ସିଂହ ମହାରାଜା ନିକଟକୁ ଗଲେ ଏବଂ ସମସ୍ତ କଥା କହିଲେ । ସିଂହ ମହାରାଜା ଅଧିକ ଚିନ୍ତିତ ହେଲେ । କାରଣ ତାଙ୍କର ସ୍ତ୍ରୀ ଗର୍ଭବତୀ ଥାଆନ୍ତି । ଆଉ ଅଳ୍ପଦିନ ପରେ ସେ ବାପା ହେବେ । ସେହି ନୂତନ ଜାତ ସନ୍ତାନକୁ ନେଇ ବହୁତ ସ୍ୱପ୍ନ ଦେଖିଥିଲେ ସେ । ତେଣୁ ସେ ବହୁତ ଦୁଃଖିତ ହେଲେ । ସିଂହ ମହାରାଜା ଗୋଟିଏ ଯଜ୍ଞ କରିବା ପାଇଁ ସମସ୍ତଙ୍କୁ କହିଲେ । ଯଜ୍ଞ କରିସାରିବା ପରେ ତା' ଆର ଦିନ ବର୍ଷା ହେଲା । ସମସ୍ତଙ୍କର ଖୁସି କହିଲେ ନ ସରେ । ସିଂହ ମହାରାଜା ମଧ ଅତ୍ୟନ୍ତ ଖୁସୀ ହେଲେ । ସିଂହ ମହାରାଜା କହିଲେ ଆମେ ଯଦି ପୋଖରୀ ଖୋଳିବା ନାହିଁ, ତାହାହେଲେ ପୁନର୍ବାର ଏପରି ସମସ୍ୟା ଭିତରେ ଗତି କରିବା । ତେଣୁ ସମସ୍ତେ ମିଶି ଗୋଟିଏ ପୋଖରୀ ଖୋଳିବା ପାଇଁ କହିଲେ । ସମସ୍ତେ ମହାରାଜାଙ୍କ କଥା ଅନୁସାରେ ଗୋଟିଏ ପୋଖରୀ ଖୋଳିଲେ । ଦୁଇତିନି ଦିନ ପରେ ସିଂହ ମହାରାଜାଙ୍କର ଗୋଟିଏ କନ୍ୟା ଜାତ ହେଲା ସମସ୍ତେ ଖୁସି ହେଲେ । ସିଂହ ମହାରାଜା ଏହି ଖୁସିରେ ବଣରେ ଗୋଟିଏ ଭୋଜି ଦେବାପାଇଁ ସମସ୍ତଙ୍କୁ ନିମନ୍ତ୍ରଣ କଲେ । ସମସ୍ତେ ଯୋଗଦାନ କଲେ । ତା'ପରେ ସିଂହ ମହାରାଜା ସେହି ଭୋଜିରେ ସମସ୍ତଙ୍କୁ ଆଉ ୧୧ଟି ପୋଖରୀ ଖୋଳିବା ପାଇଁ ଆଦେଶ ଦେଲେ । ସମସ୍ତେ ମିଶି ୧୧ଟି ପୋଖରୀ ଖୋଳିଲେ ।

ଖରା ଦିନରେ ଆଉ ସେମାନେ ହଇରାଣରେ ପଡ଼ିଲେ ନାହିଁ । ସମସ୍ତେ ସେହି ଜଙ୍ଗଲରେ ଖୁସିରେ ରହିଲେ । ❒❒❒

**ପୃଥ୍ୱୀରାଜ ବେଗି**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଛେଲିଆମଲ କଳାହାଣ୍ଡି

# ଅଦିନ ବରଷା

ଶୀତ ଋତୁ ଚାଲିଥାଏ । ମୁଁ ଆମ ଘର ବାରଣ୍ଡାରେ ବସି ଗଣିତ କଷୁଥିଲି । ଠିକ୍ ଏହି ସମୟରେ ଘଡ଼ଘଡ଼ିର ଶବ୍ଦ ଶୁଭିଲା । ବିଜୁଳି ମାରିଲା ଏବଂ ଆକାଶରେ ଦେଖାଦେଲା କଳା ବାଦଲ । ମୁଁ ବହିପତ୍ର ଘରେ ରଖିଦେଇ ବାହାରକୁ ଆସି ବସିଲି । ସେତେବେଳେ ଜୋର୍‌ରେ ବର୍ଷା ହେଲା । ମୁଁ କେବେ ଭାବି ନ ଥିଲି ଯେ ଶୀତଋତୁରେ ମଧ୍ୟ ବର୍ଷା ହେବ ।

ମୁଁ ବାରଣ୍ଡାରେ ବସି ବର୍ଷା ଦୃଶ୍ୟକୁ ଉପଭୋଗ କରୁଥିଲି । ଦେଖିଲି ଦୁଇଟି ଛୋଟ ପିଲା ବର୍ଷାରେ ଓଦା ହୋଇ ଗଛ ମୂଳରେ ଠିଆ ହୋଇଛନ୍ତି । ସେମାନେ ଶୀତରେ ଥରୁଥିଲେ । ସେମାନଙ୍କ ପୋଷାକ ଓଦା ହୋଇ ଯାଇଥିଲା । ମୁଁ ସଙ୍ଗେ ସଙ୍ଗେ ଛତା ଧରି ସେମାନଙ୍କ ପାଖକୁ ଗଲି ଏବଂ ତାଙ୍କୁ ଆମ ଘରକୁ ଆସିବା ପାଇଁ କହିଲି । କିନ୍ତୁ ସେମାନେ ଆସିବାକୁ ରାଜି ହେଲେ ନାହିଁ । ମୁଁ ସେମାନଙ୍କୁ ବହୁତ ବୁଝାଇଲି । ପରେ ସେମାନେ ଘରକୁ ଆସିଲେ । ସେମାନଙ୍କୁ ଗୋଟିଏ ଜାଗାରେ ବସାଇ ଦେଇ ଘର ଭିତରକୁ ଚାଲିଗଲି । ଘର ଭିତରୁ ଗୋଟିଏ ଗାମୁଛା ଆଣି ସେମାନଙ୍କୁ ଦେଲି ଏବଂ ପୋଛାପୋଛି ହେବାପାଇଁ କହିଲି । ସେମାନେ ପୋଛାପୋଛି ହୋଇ ବସିଲେ । ମୁଁ ସେମାନଙ୍କୁ କିଛି ଜଳଖିଆ ଆଣି ଖାଇବାକୁ ଦେଲି । ସେତେବେଳକୁ ବାହାରେ ଜୋର୍‌ରେ ବର୍ଷା ହେଉଥାଏ । ଚାରିଆଡ଼େ ପାଣି ଜମିଯାଇଥାଏ । ବର୍ଷାର ପାଣି ପାଇ ମଉଳି ଯାଇଥିବା ଗଛଲତାଗୁଡ଼ିକ ପୁଣି ଥରେ ସତେଜ ହୋଇଗଲେ । କିଛି ସମୟ ପରେ ବର୍ଷା ଛାଡ଼ିଗଲା । ପିଲା ଦୁଇଜଣ ଘରକୁ ଯିବାକୁ ଚାହିଁଲେ । ମୁଁ ସେମାନଙ୍କୁ ତାଙ୍କ ଘରର ଠିକଣା ପଚାରି ବୁଝିଲି । ତା' ପରେ ସେମାନଙ୍କୁ ନେଇ ତାଙ୍କ ଘରେ ଛାଡ଼ି ଦେଲି । ସେମାନେ ମୋତେ ଧନ୍ୟବାଦ ଦେଲେ ଏବଂ ମୁଁ ସେମାନଙ୍କୁ ସାହାଯ୍ୟ କରିଥିବାରୁ ସେମାନେ ମୋ ନିକଟରେ କୃତଜ୍ଞ ହୋଇ ରହିବେ ବୋଲି କହିଲେ । ସେଦିନ ପିଲା ଦୁଇଟି ଅଦିନ ବର୍ଷା ଯୋଗୁଁ ଓଦା ହୋଇଯାଇଥିଲେ । ମୁଁ ସେମାନଙ୍କୁ ସାହାଯ୍ୟ କରି ମୋର କର୍ତ୍ତବ୍ୟ କରିଛି । ଅସୁବିଧାରେ ପଡ଼ିଥିବା ବ୍ୟକ୍ତିକୁ ସାହାଯ୍ୟ କଲେ ଭଗବାନ ତୁମକୁ ସାହାଯ୍ୟ କରିବେ । □□□

**ଦିପ୍ତୀ ରେଖା ସେନାପତି**
ଦଶମ ଶ୍ରେଣୀ
ସୁଆକାଟି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର୍



## ମିଳିତ ଲିଖନ-୧

(କେତେଜଣ ଏକାଠି ମିଳି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଭାବି ରଚନାଟିଏ ପ୍ରସ୍ତୁତ କରିବାର ଧାରା : ବିଷୟ - ମୁଁ ପ୍ରଜାପତି)

# ମୁଁ ପ୍ରଜାପତି

ଗୋଟିଏ ବଗିଚ୍ଛରେ ଝିଣ୍ଟିକା ଏବଂ ପ୍ରଜାପତି ଥିଲେ । ଝିଣ୍ଟିକାଟି ଗୋଟିଏ ରାଜପ୍ରାସାଦରେ ରାଜଶିକାରୀ ଥିଲା । ଦିନେ ରାଜପ୍ରାସାଦରେ ରାଣୀ କହିଲେ ମୋତେ ଗୋଟିଏ ପ୍ରଜାପତିର ମାଂସ ଦରକାର । ମୁଁ ମାଂସ ଖାଇବି । ରାଜା ରାଜଶିକାରୀକୁ କହିଲେ, ଯାଅ ଗୋଟିଏ ପ୍ରଜାପତି ଆଣି ତାକୁ ମାରି ତରକାରି କର । ରାଜଶିକାରୀ ପ୍ରଜାପତି ଖୋଜିବାପାଇଁ ଜଙ୍ଗଲକୁ ଗଲା ।

ପ୍ରଜାପତିର ଗୋଟିଏ ପରିବାର ଥିଲା । ତା ସ୍ୱାମୀଙ୍କର ଦେହ ଖରାପ ଥିଲା । ତାଙ୍କୁ ବଇଦକୁ ଦେଖାଇଲା ପରେ ବଇଦ କହିଲେ ଏହି ରୋଗ ପାଇଁ ଜଡ଼ିବୁଟି ଦରକାର । ପ୍ରଜାପତି ବଇଦକୁ କହିଲା ଆପଣ ଯାଇ ଜଡ଼ିବୁଟି ଆଣନ୍ତୁ । ବଇଦ କହିଲା ସେହି ଜଡ଼ିବୁଟି ରାଜଜଙ୍ଗଲରେ ମିଳିବ । ସେଠାରେ ରାଜଶିକାରୀ ଥିବେ, ସେ ମୋତେ ମାରିଦେବେ । ପ୍ରଜାପତି ଚିନ୍ତା କଲା, ମୋ ସ୍ୱାମୀ ପାଇଁ ମୁଁ ଜୀବନ ଦେଇପାରିବି ତେଣୁ ମୁଁ ନିଜେ ଯାଇ ଜଡ଼ିବୁଟି ଆଣିବି ।

ସେହି ଜଙ୍ଗଲରେ ରାଜଶିକାରୀ ଶୋଇଥିଲା । ପ୍ରଜାପତି ପାଣି ପିଇବା ସମୟରେ ଶିକାରୀଟି ପାଣିର ଶବ୍ଦଶୁଣି ଉଠି ପଡ଼ିଲା । ତା'ପରେ ସେ ପ୍ରଜାପତିଟିକୁ ଧନୁ ଦେଖାଇ ମାରିବା ପାଇଁ ଆସିଲା । ପ୍ରଜାପତି କାନ୍ଦି କାନ୍ଦି କହିଲା "ହେ, ରାଜଶିକାରୀ ଦୟା କରନ୍ତୁ । ମୋ ସ୍ୱାମୀଙ୍କର ଦେହ ଖରାପ ଅଛି । ମୁଁ ତାଙ୍କ ପାଇଁ ଜଡ଼ିବୁଟି ନେବା ପାଇଁ ଆସିଛି । ଜଡ଼ିବୁଟି ତାଙ୍କ ପାଖରେ ନ ପହଞ୍ଚି ପାରିଲେ ତାଙ୍କର ମୃତ୍ୟୁ ନିଶ୍ଚିତ ହୋଇଯିବ । ମୁଁ ଜଡିବୁଟି ନେଇ ବଇଦଙ୍କ ପାଖରେ ପହଞ୍ଚାଇ ଦେଇ ଏଠାକୁ ଚ୍ଛଲି ଆସିବି ।''

ଏହା ଶୁଣି ଶିକାରୀକୁ ବହୁତ ଦୁଃଖ ଲାଗିଲା । କିନ୍ତୁ ସେ କହିଲା ପ୍ରଜାପତି ତୁ ଏଠାକୁ ନ ଆସିଲେ ରାଜା ମୋତେ ଦଣ୍ଡ ଦେବେ । ତେଣୁ ବର୍ତ୍ତମାନ ମୁଁ ତତେ ନେଇଯିବି । ଏହା ଶୁଣି ପ୍ରଜାପତିଟି କହିଲା, "ହେ, ଶିକାରୀ, ମୁଁ ତୁମକୁ ବଚନ ଦେଉଛି ନିଶ୍ଚୟ ଫେରି ଆସିବି ।" ଏହା ଶୁଣି ରାଜଶିକାରୀ ପ୍ରଜାପତିଟିକୁ ଛାଡ଼ିଦେଲେ ।

ପ୍ରଜାପତିଟି ସଙ୍ଗେ ସଙ୍ଗେ ବଇଦଙ୍କ ନିକଟକୁ ଜଡିବୁଟି ନେଇ ଚ୍ଛଲିଗଲା । ଏହାପରେ ପ୍ରଜାପତି ଏବଂ ବଇଦ ସାଙ୍ଗ ହୋଇ ପ୍ରଜାପତିର ଘରକୁ ଗଲେ । ଘରେ ପ୍ରଜାପତିଟି ତା'ର ପୁଅକୁ ଦେଖି କାନ୍ଦିବାକୁ ଲାଗିଲା । କାରଣ ପ୍ରଜାପତିର ପୁଅ ଛୋଟ ଥିଲା । ସେ ଭାବିଲା ତା' ପୁଅ ବଡ଼ ହେବା ସେ ଆଉ ଦେଖି ପାରିବ ନାହିଁ ।

ତା'ପରେ ପ୍ରଜାପତି ସବୁ କଥା କହିଲା, ପ୍ରଜାପତିଟିର ସ୍ୱାମୀ କହିଲା, "ମୁଁ ପ୍ରଥମେ ମରିଯିବି, କାରଣ ମୋ ଦେହ ଖରାପ ଅଛି । ଏହା